(3)

# ଜିଲ୍ଲା ସଂସ୍କୃତି ପରିଷଦ: ନବରଙ୍ଗପୁର

(e- Mail Id – dconabarangpur11@gmail.com)

ପତ୍ର ସଂଖ୍ୟା ୨୦୪/୨୦୨୩ ତା. ୦୮.୧୧.୨୦୨୩ ରିଖ

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ନବରଙ୍ଗପୁର ଜିଲ୍ଲାର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ନବରଙ୍ଗପୁର ଜିଲ୍ଲାର ଐତିହ୍ୟ ଓ ପରମ୍ପରାର ପ୍ରତୀକ ଲୋକ ମହୋତ୍ସବ ମଣ୍ଡେଇ-୨୦୨୩ , ଡିସେମ୍ବର ୧୦ ଠାରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅବସରରେ କବିତା ପାଠୋତ୍ସବ **ତା-୦୩.୧୨.୨୦୨୩** ଓ ଆଲୋଚନା ଚକ୍ର **ତା-୦୬.୧୨.୨୦୨୩ ରିଖ**ରେ ଆୟୋଜନ କରାଯିବା ସହିତ ମଣ୍ଡେଇ ସ୍ମରଣିକା-୨୦୨୩ ପ୍ରକାଶିତ ହେବ । ଏଣୁ ଇଚ୍ଛୁକ ଲେଖକ/ଲେଖିକା, ଗବେଷକ, ଛାତ୍ର/ଛାତ୍ରୀ, ଶିକ୍ଷାବିତ, ସାମ୍ବାଦିକ ଓ ସର୍ବସାଧାରଣଙ୍କ ଠାରୁ କବିତା ପାଠୋତ୍ସବ ପାଇଁ କବିତା, ଆଲୋଚନା ଚକ୍ର ଓ ସ୍ମରଣିକା ପାଇଁ ଗବେଷଣାତ୍ମକ ସନ୍ଦର୍ଭ ଆହ୍ୱାନ କରାଯାଉଅଛି । ଏଥିପାଇଁ କବିତା ଓ ସନ୍ଦର୍ଭକୁ **ତା-୨୫.୧୧.୨୦୨୩** ରିଖ, ଅପରାହ୍ନ **୫.୦୦ଘ.ମି** ସୁଦ୍ଧା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, ନବରଙ୍ଗପୁର ଠାରେ ଉଭୟ Soft Copy ଓ Hard Copy ସିଧାସଳଖ ଦାଖଲ କରିପାରିବେ । ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି କବିତା ଓ ସନ୍ଦର୍ଭକୁ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟରେ ଦାଖଲ ହୋଇଥିବା କବିତା ଓ ସନ୍ଦର୍ଭ ଗୁଡିକୁ ସମ୍ପାଦକୀୟ ମଣ୍ଡଳୀ ଦ୍ୱାରା ଯାଞ୍ଚ କରାଯାଇ ଯୋଗ୍ୟ ବିବେଚିତ କବିତାକୁ କବିତା ପାଠୋତ୍ସବ ଓ ଗବେଷଣାତ୍ମକ ସନ୍ଦର୍ଭକୁ ଆଲୋଚନା ଚକ୍ର ଓ ଉତ୍କୃଷ୍ଟ ଗବେଷଣାତ୍ମକ ସନ୍ଦର୍ଭକୁ ସ୍ମରଣିକାରେ ସ୍ଥାନ ଦିଆଯିବ ।

### ବିଶେଷ ବିବରଣୀ

- କବିତା ଓ ସନ୍ଦର୍ଭକୁ ଓଡିଆ/ନବରଙ୍ଗପୁରିଆ,ହିନ୍ଦୀ ଓ ଇଂରାଜୀ ଭାଷାରେ ଦାଖଲ ଓ ପାଠ/ଆଲୋଚନା କରିପାରିବେ ।
- କବିତାର ବିସ୍ତୃତି ୧ ପୃଷ୍ଠା ଓ ସନ୍ଦର୍ଭର ସର୍ବାଧିକ ୪ ପୃଷ୍ଠା ବିଶିଷ୍ଟ ହେବା ଆବଶ୍ୟକ ।
- କବିତା ଓ ସନ୍ଦର୍ଭ ଗୁଡିକର Font Size ଓଡିଆ ପାଇଁ ଆକୃତି ୧୨ ଓ ଇଂରାଜୀ ପାଇଁ (Times New Roman- 12 ଓ Reference Italic-12) ହେବା ଆବଶ୍ୟକ ।
- କବିତା ଓ ସନ୍ଦର୍ଭ ଗୁଡିକର ଶୀର୍ଷକ ଓ ବର୍ଣ୍ଣନା ଜିଲ୍ଲାର ଭାଷା, କଳା, ସାହିତ୍ୟ, ସଂସ୍କୃତି, ଇତିହାସ, ପରମ୍ପରା, କ୍ରୀଡା, ପର୍ଯ୍ୟଟନ, ଶିଳ୍ପ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତିକରଣ, ଲୋକ କଳା, ନୃତ୍ୟ ଓ ସଙ୍ଗୀତ ଓ ଜିଲ୍ଲାର ସଫଳ କାହାଣୀ ଉପରେ ଆଧାରିତ ହେବ ଆବଶ୍ୟକ ।
- ରାଜନୀତି ପ୍ରସଙ୍ଗ, ସାମାଜିକ, ବ୍ୟକ୍ତିଗତ , ଧାର୍ମିକ ଆରୋପ ଓ ପ୍ରତ୍ୟାରୋପ ଓ ଅଶ୍ଳୀଳ ସହିତ ଯୋଡିତ କବିତା ଓ ସନ୍ଦର୍ଭକୁ ଗ୍ରହଣ କରାଯିବ ନହିଁ ।

ଅତିରିକ୍ତ ଜିଲ୍ଲାପାଳ ତଥା ଉପଦେଷ୍ଟା
କବିତା ପାଠୋତ୍ସବ ଓ ସ୍ମରଣିକା କମିଟି